# ଗଞ୍ଜେଇ ଭର୍ତ୍ତି ସ୍କର୍ପିଓ ଜବତ

ବଲାଙ୍ଗିର, ୧୫ ।୪(ସମିସ)



- ୩ କ୍ୱିଣ୍ଟାଲ ଗଞ୍ଜେଇ ଜବତ
- ଗାଡ଼ି ଛାଡ଼ି ଡ୍ରାଇଭର ଫେରାର
- ଛତିଶଗଡ଼ ଚାଲାଣ ହେଉଥିଲା

ବଲାଙ୍ଗିର ଜିଲ୍ଲା ପୁଇଁନ୍ତଲା ପୁଲିସ ବୁଧବାର ଏକ ଗଞ୍ଜେଇ ଭର୍ତ୍ତି ସ୍କର୍ପିଓ ଜବତ କରିଛି। ଏହା ଛତିଶଗଡ଼ ଚାଲାଣ ହେଉଥିଲା। ଗାଡିରୁ ପ୍ରାୟ ୩ କ୍ୱିଣ୍ଟାଲ ୬କେଜି ଗଞ୍ଜେଇ ମିଳିଛି। ବୌଦ୍ଧ ଅଞ୍ଚଳରୁ ଏହା ସୋନପୁର ଦେଇ ବଲାଙ୍ଗିର ଅଭିମୁଖେ ଆସୁଥିଲା। ପୁଇଁନ୍ତଲା ପୁଲିସର ଏକ ଟିମ୍ ଗାଡିକୁ ପିଛା କରି ଧରିଛି। ଡ୍ରାଇଭର କିନ୍ତୁ ଫେରାର ହୋଇଯାଇଛି। ପୁଲିସ ଗଞ୍ଜେଇ ଜବତ କରି ତଦନ୍ତ ଆରମ୍ଭ କରିଛି।

ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ପୁଇଁନ୍ତଲା ପୁଲିସର ଏକ ଟିମ୍ ବଇରାସରରେ ଛକି ରହିଥିଲା। ଏହି ସମୟରେ ଏକ ଧଳା ରଙ୍ଗର ସ୍କର୍ପିଓ (ସିଜି ୦୪ କ୍ୟୁଡି ୪୩୮୫) ଦ୍ରୁତ ଗତିରେ ଆସୁଥିବା ଦେଖି ଟିମ୍ ଅଟକାଇଥିଲା। ଗାଡିଟି କିନ୍ତୁ ନ ଅଟକି ପଳାଇ ଯିବାକୁ ଉଦ୍ୟମ କରିଥିଲା। ଏଣୁ ପୁଲିସର ସନ୍ଦେହ ବଢ଼ିଥିଲା। ଏହାପରେ ଟିମ୍ ସମ୍ପୃକ୍ତ ଗାଡିର ପିଛା କରିଥିଲେ। ଏହା ସହ ପୁଇଁନ୍ତଲା ଥାନା ନିକଟରେ ମଧ୍ୟ ଏକ ଟିମ୍ ନାକା କରିଥିଲା। ଉଭୟ ପଟରୁ ପୁଲିସକୁ ଦେଖି ଚାଳକ ଅସ୍ଥାୟୀ ଟ୍ରକ୍ ପାର୍କିଂରେ ଗାଡ଼ି ରଖିଦେଇ ଖସି ପଳାଇଥିଲା। ପୁଲିସ ଏହି ଗାଡି ଯାଞ୍ଚ କରିବା ପରେ ଆଶ୍ଚର୍ଯ୍ୟ ହୋଇଥିଲା। ଗାଡି ଭିତରେ ବିପୁଳ ପରିମାଣର ଗଞ୍ଜେଇ ଥିଲା। ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ତାହା ଓଜନ କରାଯାଇଥିଲା। ଏନେଇ ପୁଇଁନ୍ତଲା ପୁଲିସ ଥାନାରେ ଏକ ମାମଲା ରୁଜୁ କରି ଛାନଭିନ ଚଳାଇଛି। ଗଞ୍ଜେଇ ଚାଲାଣ କରୁଥିବା ଡ୍ରାଇଭର ସହ ମାଷ୍ଟର ମାଇଣ୍ଡକୁ ମଧ୍ୟ ଶୀଘ୍ର ଗିରଫ କରିବା ପାଇଁ ଉଦ୍ୟମ କରିବ ବୋଲି ପୁଲିସ ସୂଚନା ଦେଇଛି।

ପ୍ରତିଦିନ ବଲାଙ୍ଗିର ଜିଲ୍ଲାର ବିଭିନ୍ନ ଥାନା ପୁଇଁନ୍ତଲା, ଲୋଇସିଂହା, ସଦର, ପାଟଣାଗଡ଼, ଟିଟିଲାଗଡ଼, ସଇଁନ୍ତଲା ଦେଇ ଗଞ୍ଜେଇ ଚାଲାଣ ହେଉଛି। ପ୍ରାୟତଃ ଏହି ଗଞ୍ଜେଇ ରାୟପୁର ଓ ପଶ୍ଚିମବଙ୍ଗ ଚାଲାଣ ହେଉଛି। ବରଗଡ଼ ଓ ସୋନପୁର ଜିଲ୍ଲାରେ ବିଗତ ଦିନରେ ବିପୁଳ ପରିମାଣର ଗଞ୍ଜେଇ ଧରାପଡ଼ିବା ଏହାର ପ୍ରମାଣ। ତେବେ ଏହି ଦୁଇ ଜିଲ୍ଲାରେ ଯେଉଁଭଳି ଭାବେ ଚଢଉ ଜାରି ରହିଛି ସେହି ଅନୁସାରେ ବଲାଙ୍ଗିର ଜିଲ୍ଲାରେ ଚଢଉ ହେଉନି। ଏହାଫଳରେ ଆରାମରେ ସୋନପୁର ଜିଲ୍ଲା ପାରି ହୋଇଗଲେ ଚାଲାଣକାରୀ ଫେରାର ମାରିବାରେ ସଫଳ ହେଉଛନ୍ତି। ବଲାଙ୍ଗିର ପୁଲିସ ଗଞ୍ଜେଇ ଚାଲାଣ ରୋକିବା ପାଇଁ ଆଦୌ ଧ୍ୟାନ ଦେଉନି।

# ସୋନଗଡ଼ ନଦୀରେ ବ୍ୟାରେଜ ନିର୍ମାଣ ପାଇଁ ରାଜପଥ ଅବରୋଧ



ଦେଓଗାଁ, ୧୫।୪(ସମିସ): ସୋନଗଡ଼ ନଦୀରେ ବ୍ୟାରେଜ ନିର୍ମାଣ ଦାବିରେ ବୁଧବାର ଦେଓଗାଁ ବ୍ଲକ କଂଗ୍ରେସ ତରଫରୁ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଏଥିସହ ଦେଓଗାଁ ବଙ୍ଗଳା ଛକରେ୨ଘଣ୍ଟା ଧରି ରାଜପଥ ଅବରୋଧ କରାଯାଇଥିଲା। ଏହାଫଳରେ ରାଜପଥର ଉଭୟ ପାର୍ଶ୍ୱରେ ଶତାଧିକ ଯାନ ଭାରିଯାନ ଅଟକି ରହିବା ସହ ଯାତ୍ରୀ ମାନେ ହନ୍ତସନ୍ତ ହୋଇଥିବା ନଜରକୁ ଆସିଥିଲା। ବଲାଙ୍ଗିର ଜିଲ୍ଲାର ଦେଓଗାଁ ବ୍ଲକ ପଶ୍ଚିମାଞ୍ଚଳର ସମସ୍ତ ପଞ୍ଚାୟତ ମରୁଡ଼ି ପ୍ରପୀଡିତ। ଜଳସେଚନ ସୁବିଧା ନ ଥିବା ବେଳେ ଜଳସ୍ତର ହ୍ରାସ ପାଉଥିବାରୁ ଗଭୀର ନଳକୂପଗୁଡିକ ମଧ୍ୟ କାମ କରୁନି। ଜଳସେଚନ ଅଭାବ ହେତୁ ଚାଷକାର୍ଯ୍ୟ ଠିକ୍ ରୂପେ ହୋଇପାରୁନି। ପାନୀୟ ଜଳ ସଙ୍କଟ ମଧ୍ୟ ଦେଖା ଦେଉଛି। ଏଣୁ ଅଞ୍ଚଳବାସୀଙ୍କ ଦାବି ଅନୁସାରେ ପୂର୍ବ ସରକାର ସମୟରେ ପୂର୍ବତନ ବିଧାୟକ ନରସିଂହ ମିଶ୍ରଙ୍କ ପ୍ରଚେଷ୍ଟାରେ ସୋନଗଡ଼ ନଦୀ ସିକୁଆଁଠାରେ ବ୍ୟାରେଜ ନିର୍ମାଣ ପାଇଁ ପ୍ରଶାସନିକ ମଞ୍ଜୁରୀ ମିଳିବା ସହ ୧୨୪ କୋଟି ଟଙ୍କା ମଞ୍ଜୁର ହୋଇଛି। ତେବେ ସରକାର ବଦଳିବା ପରେ ଏହି ବ୍ୟାରେଜ କାମ ଆରମ୍ଭ ହୋଇପାରୁ ନ ଥିବା ପରିତାପର ବିଷୟ ବୋଲି ବ୍ଲକ କଂଗ୍ରେସ ଅଭିଯୋଗ କରିଛି। ଏହି କାମ ତୁରନ୍ତ ଆରମ୍ଭ କରିବା ତଥା ପ୍ରସ୍ତାବିତ ଦେଓଗାଁ ଓ ଜରାସିଂହା ନିକଟରେ ବ୍ୟାରେଜ ନିର୍ମାଣ କରିବା ପାଇଁ ପ୍ରଥମେ ଜିଲ୍ଲାପାଳଙ୍କ ନିକଟରେ ବ୍ଲକ କଂଗ୍ରେସ ଦାବି କରିଥିଲା। ଦାବିକୁ ଅଣଦେଖା କରିବା ପରେ ପୂର୍ବ ନିଷ୍ପତ୍ତି ଅନୁସାରେ ଦେଓଗାଁ ବଙ୍ଗଳା ଛକଠାରେ ରାଜପଥ ଅବରୋଧ କରି ଧାରଣା ଦିଆଯାଇଥିଲା। ଖବର ପାଇ ଅତିରିକ୍ତ ତହସିଲଦାର ଦିବ୍ୟଜ୍ୟୋତି ପରିଡ଼ା, ଥାନା ଅଧିକାରୀ ସବିତା ଠେମରିଆ ପ୍ରମୁଖ ଆନ୍ଦୋଳନକାରୀଙ୍କୁ ବୁଝାସୁଝା କରିବା ସହ ଦାବିପତ୍ର ଗ୍ରହଣ କରିଥିଲେ। କାର୍ଯ୍ୟକ୍ରମରେ ବ୍ଲକ କଂଗ୍ରେସ ସଭାପତି ରାମଜୀ ଚୌଧୁରୀ, ଜିଲ୍ଲା କଂଗ୍ରେସ ଉପ-ସଭାପତି ଜନ୍ମେଜୟ ସାହୁ, ସେବାଦଳ ମୁଖ୍ୟ ଅସିତ ମିଶ୍ର, ହାତୀସରା ସମିତି ସଭ୍ୟ ବିଶ୍ୱଜିତ ପାତ୍ର, ବନ୍ଧପଡ଼ା ସମିତିସଭ୍ୟ କାନ୍ତେଶ୍ୱର ପଧାନ, ଡୁମେରପିଟା ସମିତି ସଭ୍ୟ ସଂକୀର୍ତ୍ତନ ବାଗ, ଜରାସିଂହା ସମିତି ସଭ୍ୟ ଅମିତ ତ୍ରିପାଠୀ, ବଡ଼ବନ୍ଧ ସରପଞ୍ଚ ଜଗବନ୍ଧ ମେହେର, ସିକୁଆଁ ସରପଞ୍ଚ ରାଜକୁମାର ଭୋଇ, ସାରସମାଲ ସରପଞ୍ଚ ଗୋପାଳ ବାଗ, ପ୍ରଦୋଷ ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ଥିଲେ।

● କେରମେଲି ଅଙ୍ଗନବାଡ଼ି

## ଗର୍ଭବତୀ ଓ ପ୍ରସୂତିଙ୍କ ଆସୁଥିବା ଅଣ୍ଡା ବାଟମାରଣ

ସଇଁତଲା, ୧୫ ।୪(ସମିସ): ଗର୍ଭବତୀ ଓ ପ୍ରସୂତିଙ୍କୁ ୧୨ଟି ଅଣ୍ଡା ବଦଳରେ ୮ଟି ଅଣ୍ଡା ଦିଆଯାଉଛି। ନିୟମ ଅନୁସାରେ ପ୍ରତି ଲାଭାନ୍ୱିତଙ୍କୁ ମାସକୁ ୧୨ଟି ଅଣ୍ଡା ଦିଆଯିବା କଥା; ହେଲେ କେତେକ ସ୍ଥାନରେ ୧୦ଟି ତ କେତେକ ଜାଗାରେ ୮ଟି ଅଣ୍ଡା ବଣ୍ଟନ ହେଉଛି। ଏହାକୁ ନେଇ ସ୍ଥାନୀୟ ଲୋକମାନଙ୍କ ମଧ୍ୟ ଅସନ୍ତୋଷ ପ୍ରକାଶ କରିଛନ୍ତି। ସଇଁତଲା ବ୍ଲକ କେରମେଲି ଅଙ୍ଗନବାଡ଼ି କର୍ମୀ ଜ୍ୟୋସ୍ନା ମହାନନ୍ଦ ଦୀର୍ଘ ୩ ମାସ ହେବ ଅଣ୍ଡା ଦର ବୃଦ୍ଧି ହୋଇଛି ବୋଲି କହି ୮ଟି ଅଣ୍ଡା ଦେଉଥିବା ଅଭିଯୋଗ ହୋଇଛି। ସଇଁତଲା ସିଡିପିଓ ଗୋଲାପୀ ନାଏକ ଅଙ୍ଗନବାଡ଼ି କର୍ମୀଙ୍କୁ ଡାକି କାହିଁକି ଏଭଳି ଦୁର୍ନୀତି ହେଉଛି ବୋଲି ପ୍ରଶ୍ନ କରିଥିଲେ। ଅଙ୍ଗନବାଡ଼ି କର୍ମୀ ମଧ୍ୟ ଏହା ସ୍ୱୀକାର କରିଛନ୍ତି। ସେହିଭଳି ବାକି ଅଣ୍ଡା ମଧ୍ୟ ଦେବେ ବୋଲି କହିଥିଲେ; ହେଲେ ଆଜି ପର୍ଯ୍ୟନ୍ତ ବକେୟା ଅଣ୍ଡା ବଣ୍ଟନ ନ କରିଥିବାରୁ ସ୍ଥାନୀୟ ଲୋକେ ଅସନ୍ତୋଷ ପ୍ରକାଶ କରିଛନ୍ତି। ସରକାର ଗର୍ଭବତୀ ଓ ପ୍ରସୂତିଙ୍କ ପୋଷଣ ସୁନିଶ୍ଚିତ କରିବା ପାଇଁ ଅଙ୍ଗନବାଡ଼ି କେନ୍ଦ୍ର ମାଧ୍ୟମରେ ଅଣ୍ଡା, ଛତୁଆ ଅନ୍ୟାନ୍ୟ ପୌଷ୍ଟିକ ଖାଦ୍ୟ ବଣ୍ଟନ କରୁଛନ୍ତି; କିନ୍ତୁ ବାସ୍ତବ ଚିତ୍ର ଭିନ୍ନ। ଲୋକଙ୍କ ଅଭିଯୋଗ ଅନୁସାରେ ତାଲିକାରେ ୧୨ଟି ଅଣ୍ଡା ଦେଖାଯାଉଥିଲେ ମଧ୍ୟ ପ୍ରାୟୋଗିକ ଭାବେ ତାଙ୍କୁ କମ୍ ଅଣ୍ଡା ଦିଆଯାଉଛି। ଏହା ଦୀର୍ଘଦିନ ଧରି ଚାଲିଆସୁଛି; କିନ୍ତୁ ଏପର୍ଯ୍ୟନ୍ତ କୌଣସି ପଦକ୍ଷେପ ନିଆଯାଇନି। ଏହି ଅଭିଯୋଗରେ ଅଙ୍ଗନବାଡ଼ି କର୍ମୀଙ୍କ ଭୂମିକାକୁ ନେଇ ପ୍ରଶ୍ନ ଉଠିଛି। ଅନ୍ୟପଟେ କିଶୋରୀ ବାଳିକାଙ୍କୁ ୧୬ଟି ଅଣ୍ଡା ଦିଆଯିବାର ନିୟମ ରହିଛି; କିନ୍ତୁ ୧୦ଟି ଅଣ୍ଡା ଦିଆଯାଉଛି। ଏନେଇ ଅଙ୍ଗନବାଡ଼ିକର୍ମୀ ଶ୍ରୀମତୀ ମହାନନ୍ଦଙ୍କୁ ପଚାରିବାରୁ ଦର ବୃଦ୍ଧି ଯୋଗୁଁ ୮ଟି ଅଣ୍ଡା ବଣ୍ଟନ କରିଥିବା ସ୍ୱୀକାର ମଧ୍ୟ କରିଛନ୍ତି। ସେହିଭଳି ସଇଁତଲା ସିଡିପିଓଶ୍ରୀମତୀ ନାଏକ ଙ୍କୁ ପଚାରିବାରୁ ସରକାରଙ୍କ ନିୟମ ଅନୁଯାୟୀ ଅଣ୍ଡା ଦିଆଯିବ। ଯଦି ଏଭଳି ଅନିୟମିତତା ହୋଇ ତେବେ ଅଙ୍ଗନବାଡ଼ି କର୍ମୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କହିଛନ୍ତି।

- ୧୨ଟି ବଦଳରେ ୮ଟି ଅଣ୍ଡା ମିଳୁଛି
- କିଶୋରୀ ବାଳିକାଙ୍କୁ ମଧ୍ୟ ୧୬ଟି ଜାଗାରେ ୧୦ଟି ଦିଆଯାଉଛି

## ଘାଗୁର୍ଲିରେ ହନୁମାନ ଜୟନ୍ତୀ

ବେଲପଡ଼ା, ୧୫ ।୪(ସମିସ): ବେଲପଡ଼ା ବ୍ଲକ ଘାଗୁର୍ଲି ଗାଁରେ ବଜରଙ୍ଗ ଦଳ ଏବଂ ଗାଁ ଲୋକଙ୍କ ଉଦ୍ୟମରେ ୫ ଦିନ ଧରି ହନୁମାନ ମଣ୍ଡପ ପ୍ରତିଷ୍ଠା ଏବଂ ହନୁମାନଙ୍କ ଜନ୍ମ ଉତ୍ସବ ପାଳନ କରାଯାଇଛି। ୧୦ ତାରିଖରୁ ଆରମ୍ଭ ହୋଇଥିବା ଏହି ଯଜ୍ଞରେ ପଞ୍ଚକୁଣ୍ଡୀୟ ମହାଯଜ୍ଞ ଏବଂ ନାମଯଜ୍ଞ ମଧ୍ୟ ଅନୁଷ୍ଠିତ ହୋଇଥିଲା। ଯଜ୍ଞକର୍ତ୍ତା ଭାବେ ଜୟଦେବ ପାଣିଗ୍ରାହୀ, ପ୍ରହରୀ କର୍ତ୍ତା ଲୋକନାଥ ସାହୁ ସସ୍ତ୍ରୀକ ଦାୟିତ୍ୱ ତୁଲାଇଥିଲେ। ପଣ୍ଡିତ ରାଜେନ୍ଦ୍ର ପାଢ଼ୀ ଓ ସାଥି ପୂଜାର୍ଚ୍ଚନାରେ ସହଯୋଗ କରିଥିଲେ। କମିଟି ସଭାପତି ଭାବେ ଅରୁଣ ପାଣିଗ୍ରାହୀ, ମୃତ୍ୟୁଞ୍ଜୟ ମହାକୁଡ଼, ସମ୍ପାଦକ ତନ୍ମୟ ପାଣିଗ୍ରାହୀ, ଉପ ସଭାପତି ଦୈତାରୀ ସାହୁ, ମନୋଜ ପୁଟେଲ, କୋଷାଧକ୍ଷ ଧନଞ୍ଜୟ ମହାକୁଡ଼, ସୁବୋଧ ଥାନାପତିଙ୍କ ସହ ଗାଁ ଲୋକ ସହଯୋଗ କରିଥିଲେ।



● ଟଟୋପରା ବାପୁଜୀ ଯୁବକ ସଂଘ ଖେଳ ପଡ଼ିଆ

## ଶୋଷ ଲାଗିଲେ ପାଣି ଟୋପେ ମିଳେନି



ମୁରିବାହାଲ, ୧୫ ।୪(ସମିସ): ସରକାର କ୍ରୀଡ଼ା ଓ କ୍ରୀଡ଼ାବିତ୍‌ଙ୍କ ବିକାଶ ପାଇଁ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି। ବାସ୍ତବ ଚିତ୍ର କିନ୍ତୁ କିଛି ଅଲଗା। ବଲାଙ୍ଗିର ଜିଲ୍ଲା ମୁରିବାହାଲ ବ୍ଲକ ଅଧୀନ ଏକ ଖେଳ ପଡ଼ିଆରେ ପାନୀୟ ଜଳର ଘୋର ଅଭାବ ଯୋଗୁଁ କ୍ରୀଡ଼ାବିତ ଅକଥନୀୟ କଷ୍ଟ ଭୋଗୁଛନ୍ତି। ଦୁର୍ଭାଗ୍ୟର ବିଷୟ ସବୁ ଜାଣିଶୁଣି ମଧ୍ୟ ସ୍ଥାନୀୟ ପ୍ରଶାସନ କୁମ୍ଭକର୍ଣ୍ଣ ନିଦ୍ରାରେ ଶୋଇଛି।

ବଲାଙ୍ଗୀର ଜିଲ୍ଲା ମୁରିବାହାଲ ବ୍ଲକ ଲେବଡ଼ା ପଞ୍ଚାୟତର ଟଟୋପରା ବାପୁଜୀ ଯୁବକ ସଂଘ ଖେଳ ପଡ଼ିଆରେ ପାଇବା ପାଣିର ଘୋର ଅଭାବ ଦେଖା ଦେଇଛି। ପ୍ରତିଦିନ ସକାଳୁ ଶତାଧିକ ଆଶାୟୀ ଖେଳାଳି ଓ ସେନା ବାହିନୀରେ ଯୋଗ ଦେବାକୁ ଲକ୍ଷ୍ୟ ରଖିଥିବା ଯୁବକମାନେ ଏହି ପଡ଼ିଆରେ ଅଭ୍ୟାସ କରି ଝାଳ ବୁହାଉଛନ୍ତି; ମାତ୍ର ଶୋଷ ଲାଗିଲେ ସେମାନଙ୍କୁ ପାଣି ମୁନ୍ଦାଏ ପାଇଁ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ଭୋଗିବାକୁ ପଡୁଛି। ସ୍ଥାନୀୟ ଲୋକଙ୍କ କହିବା ଅନୁସାରେ, ଖରାଦିନେ ଏହି ଖେଳ ପଡ଼ିଆରେ ପାଣି ନ ଥିବା ସମସ୍ୟା ଅଧିକ ଗୁରୁତର ରୂପ ନେଉଛି। ପିଲାମାନେ ଓ ଯୁବକମାନେ ଖେଳ ସମୟରେ ଶୋଷ ମେଣ୍ଟାଇବା ପାଇଁ ଦୂର ଦୂରନ୍ତରୁ ପାଣି ଆଣିବାକୁ ବାଧ ହେଉଛନ୍ତି। ଏହା ସହ ଏହି ଅଞ୍ଚଳରେ ଯେକୌଣସି କ୍ରୀଡା ପ୍ରତିଯୋଗିତା, ସାମାଜିକ, ଧାର୍ମିକ କାର୍ଯ୍ୟକ୍ରମ ଏହି ଖେଳ ପଡ଼ିଆରେ ଆୟୋଜନ କରିବାକୁ ହେଲେ ପିଇବା ପାଣି ସମସ୍ୟା ବାଧା ସୃଷ୍ଟି କରୁଛି। ଗ୍ରାମବାସୀ ଏହି ସମସ୍ୟାକୁ ନେଇ ଅନେକ ଥର ମୁରିବାହାଲ ଗ୍ରାମ୍ୟ ଜଳ ଯୋଗାଣ ବିଭାଗ ସମେତ ବ୍ଲକ ପ୍ରଶାସନର ନଜରକୁ ଆଣିଥିବା କହିଛନ୍ତି; କିନ୍ତୁ ଏ ପର୍ଯ୍ୟନ୍ତ କୌଣସି ପ୍ରକାର ସମାଧାନ ହୋଇନାହିଁ। ଏହାଫଳରେ ଏହାକୁ ନେଇ ଟଟୋପରା ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ବୃଦ୍ଧି ପାଇଛି। ପ୍ରଶାସନର ଏଭଳି ନିରୁତ୍ସାହ ଜନକ ମନୋଭାବ ଯୋଗୁଁ ଅଞ୍ଚଳର କ୍ରୀଡ଼ାପ୍ରେମୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖାଦେଇଛି। ଏହି ସମସ୍ୟାର ସମାଧାନ ନ କଲେ ଗ୍ରାମବାସୀ ଆନ୍ଦୋଳନ କରିବେ ବୋଲି ଚେତାବନୀ ଦେଇଛନ୍ତି। ଟଟୋପରା ଗ୍ରାମବାସୀଙ୍କ ଦାବୀ ପୂରଣ କରିବା ତଥା ଏହି ଖେଳ ପଡ଼ିଆରେ ପ୍ରତିଦିନ ଖେଳକୁଦ କରୁଥିବା ଖେଳାଳିଙ୍କ ଶୋଷ ମେଣ୍ଟାଇବାକୁ କେବେ ପ୍ରଶାସନର ନିଦ ଭାଙ୍ଗୁଛି ତାହା ଦେଖିବାକୁ ବାକି ରହିଲା।

## ସିଏମ୍ ଟ୍ରଫି-୨୦୨୬ କବାଡ଼ି ପ୍ରତିଯୋଗିତା ଉଦ୍‌ଘାଟିତ



ବଲାଙ୍ଗିର, ୧୫।୪(ସମିସ): ସ୍ଥାନୀୟ ଗାନ୍ଧୀ ଷ୍ଟାଡ଼ିୟମ୍‌ରେ ଓଡ଼ିଶା କ୍ରୀଡ଼ା ମହାକୁମ୍ଭ ସିଏମ୍ ଟ୍ରଫି ଆନ୍ତଃ କ୍ଲବ୍ ଓ ଆନ୍ତଃ ଜିଲ୍ଲା କବାଡ଼ି ଚାମ୍ପିଅନସିପ୍ ଉଦ୍‌ଘାଟିତ ହୋଇଛି। ବାଳକ ବର୍ଗରେ ଲୋଇସିଂହା (କ), ଲୋଇସିଂହା (ଖ), ବଲାଙ୍ଗିର, ସଇଁନ୍ତଲା, ବଙ୍ଗୋମୁଣ୍ଡା, ଟିଟିଲାଗଡ଼, ପୁଇଁନ୍ତଲା, ପାଟଣାଗଡ଼, ଆଗଲପୁର, ତୁରେକେଲା ଭାଗ ନେଇଛି। ସେହିଭଳି ବାଳିକା ବର୍ଗରେ ପୁଇଁନ୍ତଲା (କ), ପୁଇଁନ୍ତଲା (ଖ), ବଲାଙ୍ଗିର, ପାଟଣାଗଡ଼, ସଇଁନ୍ତଲା, ଟିଟିଲାଗଡ଼ା ସାମିଲ ହୋଇଛି। କ୍ରିଡ଼ା ସଂସଦର କାର୍ଯ୍ୟକାରୀ ସଭାପତି ଡ. ଶ୍ରୀକର ମିଶ୍ରଙ୍କ ସଭାପତିତ୍ୱରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଉଦ୍‌ଘାଟନୀ ଉତ୍ସବରେ ଅତିରିକ୍ତ ଜିଲ୍ଲାପାଳ ବିଜୟାନନ୍ଦ ସେଠି ମୁଖ୍ୟ ଅତିଥି ଭାବରେ ଯୋଗ ଦେଇଥିଲେ। କ୍ରୀଡ଼ା ସଂସଦର ସାଧାରଣ ସମ୍ପାଦକ ହରିନାରାୟଣ ପୂଜାରୀଙ୍କ ତତ୍ତ୍ୱାବଧାନରେ ଖେଳ ଅନୁଷ୍ଠିତ ହୋଇଥିଲା। କ୍ରୀଡ଼ା ସଂସଦର ଉପ-ସଭାପତି କୃଷ୍ଣଚନ୍ଦ୍ର ମିଶ୍ର, ଯୁଗ୍ମ-ସମ୍ପାଦକ ଶତ୍ରୁଘ୍ନ ସିଂ, ପଦ୍ମଚରଣ ଆଚାର୍ଯ୍ୟ, କୋଷାଧକ୍ଷ ହେମନ୍ତ ବେହେରା, ଫୁଟବଲ ସମ୍ପାଦକ ଶରତ ନନ୍ଦ, ବରିଷ୍ଠ ସଦସ୍ୟ ଜୟରାମ ମିଶ୍ର, ସୁଧୀର ଚନ୍ଦ୍ର ପଣ୍ଡା, ପ୍ରଭାତ ମିଶ୍ର, ଡା. ସିଦ୍ଧେଶ୍ୱର ମିଶ୍ର, ଡା. ଶୁଭମ ମିଶ୍ର ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ବୁଦ୍ଧିରାଜ ବିଶ୍ୱାଳ, ଜନାର୍ଦ୍ଦନ ସାହୁ, ଯଶୋବନ୍ତୀ ବେହେରା, ଗୋପାଳ ଚନ୍ଦ୍ର ବସ୍ତିଆ, ସନ୍ତୋଷ ମେହେର, ମାଧୁରୀ ପଣ୍ଡା, ସ୍ୱାଗତିକା ବଗର୍ତୀ, ସୁଦର୍ଶନ ସେଠ ଓ ଆଶୀର୍ବାଦ ଖେଳ ସା ପରିଚାଳନା କରିଥିଲେ। କବାଡ଼ି ସମ୍ପାଦକ ବିଭୂତିଭୂଷଣ ପଣ୍ଡା ଧନ୍ୟବାଦ ଦେଇଥିଲେ।

## ଆମ୍ବେଦକରଙ୍କ ଫଟୋ ଚିରିଦେଲେ ଦୁର୍ବୃତ୍ତ

ସଇଁତଲା, ୧୫ ।୪(ସମିସ): ସାରା ଦେଶରେ ମଙ୍ଗଳବାର ସମ୍ବିଧାନ ନିର୍ମାତା ଡ. ଭୀମ ରାଓ ଆମ୍ବେଦକରଙ୍କ ଜୟନ୍ତୀ ପାଳିତ ହୋଇଛି। ଏହିକ୍ରମରେ ସଇଁତଲା ବ୍ଲକର ବିଭିନ୍ନ ସଙ୍ଗଠନ ପକ୍ଷରୁ ଜୟନ୍ତୀ ପାଳନ କରାଯାଇଥିଲା। ବାଇକ୍ ଶୋଭାଯାତ୍ରା ହୋଇଥିଲା। ସଇଁତଲା ଥାନା ବଡ଼ମାଳ ଫାଣ୍ଡି ଅଧୀନ ଫପସି ଛକରେ ମଧ୍ୟ ଆମ୍ବେଦକର ଯୁବ ମୋର୍ଚ୍ଚା ତରଫରୁ ବିଭିନ୍ନ କାର୍ଯ୍ୟକ୍ରମ କରାଯାଇଥିଲା। ବଡ଼ମାଳ ମୁଖ୍ୟ ଗେଟ ସାମ୍ନା ଫପସି ଛକରେ ବାବା ସାହେବଙ୍କ ଫଟୋ ଲଗାଯାଇଥିଲା। ବିଳମ୍ବିତ ରାତିରେ ଦୁର୍ବୃତ୍ତ ଏହାକୁ ନଷ୍ଟ କରି ଦେଇଥିଲେ। ଏ ନେଇ ଆମ୍ବେଦକରପ୍ରେମୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ବ୍ଲକ ଆଦିବାସି ସଂଘ ଓ ଦଳିତ ସଂଘ ଏହାର ନିନ୍ଦା କରିଛି। ଏହାସହ ଦୋଷୀ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ଥାନାରେ ଏତଲା ଦେଇଛି। ଓଡ଼ିଶା ଭୀମ ଆର୍ମି ଉପ ସଭାପତି ଅନିଲ ମଲ୍ଲିକ ଘଟଣା ସ୍ଥଳରେ ପହଞ୍ଚି ଥିଲେ। ଏ ନେଇ ସେ ବଲାଙ୍ଗୀର ଏସ୍‌ପି ଅଭିଳାଷ ଜିଙ୍କ ସହ ଆଲୋଚନା କରିଛନ୍ତି।

## ନାରୀଶକ୍ତି ବନ୍ଦନ ଅଭିଯାନ କାର୍ଯ୍ୟକ୍ରମ



ବଲାଙ୍ଗିର, ୧୫ ।୪(ସମିସ): ବଲାଙ୍ଗିର ସରକାରୀ ମହାବିଦ୍ୟାଳୟରେ ନାରୀଶକ୍ତି ବନ୍ଦନ ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଭାରତୀୟ ନାରୀର ସମ୍ମାନ, ମର୍ଯ୍ୟାଦା, ପ୍ରଗତି, ସ୍ୱୀକୃତି ଓ ସଂରକ୍ଷଣ ପାଇଁ ସରକାର ନେଇଥିବା ପଦକ୍ଷେପ ସମ୍ପର୍କରେ ଆଲୋଚନା କରାଯାଇଥିଲା। ମହାବିଦ୍ୟାଳୟର ଅଧ୍ୟକ୍ଷ ଡକ୍ଟର କୌତୁକ ପନ୍ଦର ସଭାପତିତ୍ୱ କରଥିଲେ। ପ୍ରତିକ୍ଷେତ୍ରରେ ନାରୀର ମର୍ଯ୍ୟାଦାକୁ କିଭଳି ଗୁରୁତ୍ୱ ଦିଆଯିବ ସେ ସମ୍ପର୍କରେ ସେ ଅବଗତ କରାଇଥିଲେ। ଅଧ୍ୟାପିକା ଡକ୍ଟର ରମଣୀ ନାଏକ ଆଲୋଚିକା ଭାବେ ଯୋଗଦେଇ ସାମ୍ପ୍ରତିକ ପରିସ୍ଥିତିରେ ନାରୀର ପ୍ରଗତି ଓ ସୁରକ୍ଷା ସମ୍ପର୍କରେ ଆଲୋଚନା କରିଥିଲେ। ମହାବିଦ୍ୟାଳୟର ଶକ୍ତିଶ୍ରୀ ସଂଯୋଜିକା ବନ୍ଦନା ବାର ସଂଯୋଜନା କରିଥିଲେ। ଅଧ୍ୟାପକ ହୃଷୀକେଶ ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

## ସଂସ୍କୃତ ପରିଷଦର ବାର୍ଷିକ ଉତ୍ସବ



ବଲାଙ୍ଗିର, ୧୫ ।୪(ସମିସ): ନୃସିଂହ ମନ୍ଦିର ପରିସରରେ ସଂସ୍କୃତ ପରିଷଦର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଆଇନଜୀବୀ ଜୟରାମ ମିଶ୍ରଙ୍କ ସଭାପତିତ୍ୱରେ ଏହା ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ପ୍ରାଣ ବଲ୍ଲଭ ତ୍ରିପାଠୀ, ମୁଖ୍ୟବକ୍ତା ଭାବେ ନବୀନ ବେଦବାକ ଯୋଗ ଦେଇଥିଲେ। ସମ୍ପାଦକ ରାଜକିଶୋର ପଣ୍ଡା ଯୋଗଦେଇ ବିଷୁବ ସଂକ୍ରାନ୍ତି ଓ ଜନଜୀବନ ଉପରେ ଏହାର ପ୍ରଭାବ ନେଇ ମତ ପ୍ରକାଶ କରିଥିଲେ। ଏହି ଅଧିବେଶନରେ ବ୍ରଜକିଶୋର ପଣ୍ଡା, ସୀତାଂଶୁ ଶେଖର ନାୟକ, ପର୍ଶୁରାମ ନାୟକ, କେଶବଚନ୍ଦ୍ର ମିଶ୍ର, କିଶୋର ମୋହନ ମିଶ୍ର, ସଂକୀର୍ତ୍ତନ ତ୍ରିପାଠୀ ଅଂଶଗ୍ରହଣ କରିଥିଲେ। ପର୍ଶୁରାମ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

# ସମ୍ବିଧାନ ପ୍ରଣେତା ଆମ୍ବେଦକରଙ୍କ ଜୟନ୍ତୀ





ବଲାଙ୍ଗିର, ୧୫ ।୪(ସମିସ)

ସଦାଇପାଲି ନବଜ୍ୟୋତି କ୍ଲବ୍ ତରଫରୁ ସଦାଇପାଲି ସ୍କୁଲ ପଡ଼ିଆଠାରେ ସମ୍ବିଧାନ ପ୍ରଣେତା ଡ. ଭୀମ ରାଓ ଆମ୍ବେଦକରଙ୍କ ଜୟନ୍ତୀ ପାଳିତ ହୋଇଛି। ମନୋଜ ମିଶ୍ର, ବାସୁଦେବ ମୁଗ୍ରୀ, ଆଇନଜିବୀ ଅର୍ଜୁନ ମୁଗ୍ରୀ, ସୁଦାମ ଦୀପ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ରଷିକେଶ ମୁଗ୍ରୀ ସଭା ପରିଚାଳନା କରିଥିଲାବେଳେ ରାଜେନ୍ଦ୍ର ରାଏ ଧନ୍ୟବାଦ ଅର୍ପଣ କରିଥିଲେ।

ପାଟଣାଗଡ଼: ଲକ୍ଷେଘର ଗଣ୍ଡା ସମାଜ ପକ୍ଷରୁ ମଧ୍ୟ ସମ୍ବିଧାନ ପ୍ରଣେତା ବାବା ସାହେବ ଡ. ଭୀମ ରାଓ ଆମ୍ବେଦକରଙ୍କ ଜୟନ୍ତୀ ପାଟଣାଗଡ଼ଠାରେ ପାଳିତ ହୋଇଯାଇଛି। ଧୁମାଭଟା ଛକରେ ବ୍ଲକ ଅଧ୍ୟକ୍ଷ ନୀଳକାନ୍ତ ବାଗ, ଉପଖଣ୍ଡସ୍ତରୀୟ ଲକ୍ଷେ ଘର ଗଣ୍ଡା ସମାଜ ସଭାପତି ଦିଗସନ ନନ୍ଦ, ସମ୍ପାଦକ ଜୟନ୍ତ କୁମ୍ଭାର, ଉପଦେଷ୍ଟା ଡିଙ୍ଗର କୁମ୍ଭାର ପ୍ରମୁଖ ଭୀମ ରାଓ ଆମ୍ବେଦକରଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପ ମାଲ୍ୟ ଅର୍ପଣ କରିଥିଲେ। ଏହି ଅବସରରେ ଉପମୁଖ୍ୟମନ୍ତ୍ରୀ ତଥା ସ୍ଥାନୀୟ ବିଧାୟକ କେଭି ସିଂ ଦେଓ ମଧ୍ୟ ବାବା ସାହେବ ଆମ୍ବେଦକରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ସେହିଭଳି ସ୍ଥାନୀୟ ଗଡ଼ଭିତରପଡ଼ିଆରେ ଲକ୍ଷେଘରଗଣ୍ଡାସମାଜ ଓ ଆମ୍ବେଦକର କମିଟିର ଉପଖଣ୍ଡସ୍ତରୀୟ କାର୍ଯ୍ୟକର୍ତ୍ତା ଏକତ୍ରିତ ହୋଇଥିଲେ। ସେଠାରୁ ଏକ ବିରାଟ ଶୋଭାଯାତ୍ରାରେ ବାହାରି ସହର ଦେଇ ରମାଇ ହାଇସ୍କୁଲ ପଡ଼ିଆ ପର୍ଯ୍ୟନ୍ତ ଯାଇଥିଲେ। ଜୟ ଭୀମ ନାରାରେ ସହର ପ୍ରକମ୍ପିତ ହୋଇଉଠିଥିଲା। ସେଠାରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷ ନୀଳକାନ୍ତ ବାଗଙ୍କ ସହ ଲକ୍ଷେଘର ଗଣ୍ଡା ସମାଜର ଉପଖଣ୍ଡସ୍ତରୀୟ ସଭାପତି ଦିଗସନ ନନ୍ଦ, ସମ୍ପାଦକ ଜୟନ୍ତ କୁମ୍ଭାର, ବ୍ଲକ ସଭାପତି ପଙ୍କଜ ଭୋଇ, ଉପସଭାପତି ଭକ୍ତରାମ ବାଗ, ଆମ୍ବେଦକର କମିଟି ସଭାପତି ଲକ୍ଷଣ ବାଗ ପ୍ରମୁଖ ମଞ୍ଚାସୀନ ଥିଲେ।

ଶ୍ରଦ୍ଧାଞ୍ଜଳି
ଦଶମ ଶ୍ରାଦ୍ଧବାର୍ଷିକୀ



ଁ ଶରତ କୁମାର ମହାନ୍ତି
ବିଣାଦଣ୍ଡା, ବାସୁଦେବପୁର, ଭଦ୍ରକ
ଆବିର୍ଭାବ : ୨୫.୦୧.୧୯୫୯, ତିରୋଧାନ : ୧୬.୦୪.୨୦୧୬
ଦଶମ ଶ୍ରାଦ୍ଧବାର୍ଷିକୀ ଅବସରରେ ଆପଣଙ୍କ ପବିତ୍ର ତଥା ଅମର ଆତ୍ମାର ସଦ୍‌ଗତି ଓ ଚିରଶାନ୍ତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଆମର ବିନମ୍ର ପ୍ରାର୍ଥନା।
ଶ୍ରଦ୍ଧାଞ୍ଜଳି ସହ: ସମସ୍ତ ପରିବାରବର୍ଗ, ବନ୍ଧୁ ଓ ଆତ୍ମୀୟସ୍ୱଜନ

